# Akashvani, Sambalpur

# SAMBALPURI NEWS BULLETIN

## 2 December 2025 – 6.47- 6.52 am.

***********************************************

କୋଣାର୍କ ମହୋତ୍ସବ                ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱପ୍ରସିଦ୍ଧ କୋଣାର୍କ ମହୋତ୍ସବ ଓଡ଼ିଶାର୍ ସାଂସ୍କୃତିକ୍ ଅସ୍ମିତାର୍ ଉଜ୍ଜ୍ୱଲ୍ ପରିଚୟ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପୁରୀ ଜିଲ୍ଲାର୍ କୋଣାର୍କ ନ ବିଶ୍ୱପ୍ରସିଦ୍ଧ କୋଣାର୍କ ଉତ୍ସବ୍‌କେ ଗଲାକାଏଲ୍ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଉତ୍ସବ୍ ଓଡ଼ିଶାର୍ ସାମଗ୍ରିକ୍ ସଂସ୍କୃତିକେ ବିଶ୍ୱ ଦର୍‌ବାର୍ ନ ପୁହୁଁଚାବାର୍‌ଥି ବଡ଼ ଭୂମିକା ନଉଛେ ବଲି କହିଛନ୍ । ଇ ମାଟି ଦେଶ୍ ବିଦେଶ୍‌ର କଳାପ୍ରେମୀ ମାନ୍‌କର୍ ଲାଗି ଗୁଟେ ଆକର୍ଷଣ୍‌ର କେନ୍ଦ୍ର ଆଏ ବଲି ଭିଲ୍ ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବକେ ଭିଲ୍ ଉଦ୍‌ଘାଟନ୍ କରିଛନ୍ । ବାଲୁକା କଳା ମହୋତ୍ସବ୍‌ଥି ଦେଶ୍ ବିଦେଶ୍‌ନୁ ଶହେ ୪୦ ଝନ୍ ବାଲୁକା ଶିଳ୍ପୀ ଭାଗ୍ ନେଇଛନ୍ ।

ରାଜଭବନ୍- ଲୋକଭବନ                I&PR

ରାଜ୍ୟ ରାଜଭବନ୍‌ର ନାଁ ବଦ୍‌ଲାଯାଇକରି ଲୋକଭବନ୍ କରାଯାଇଛେ । ଇ ବାବ୍‌ଦେ ରାଜ୍‌ଭବନ୍ ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି  ବାହାର୍‌ବା । ସ୍ୱରାଷ୍ଟ୍ରମନ୍ତ୍ରଣାଳୟର୍ ନିର୍ଦ୍ଦେଶ୍‌ନାମା ଆଧାର୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ରାଜ୍‌ଭବନ୍‌ର ନୂଆଁ ନାଁକେ ଅନୁମୋଦନ୍ କରିଛନ୍ । ଲୋକ୍‌ଭବନ୍ ଜନସାଧାରଣ୍‌ଙ୍କର୍ ସହଭାଗିତା ଆଉ ପରାମର୍ଶ ଲାଗି ଗୁଟେ ଗୁରୁତ୍ୱପୂର୍ଣ୍ଣ ମଚାନ୍ ଭାବେ କାମ୍ କର୍‌ବା ବଲି ରାଜ୍ୟପାଲ୍ କହିଛନ୍ ।

ଖାଦ୍ୟଯୋଗାଣ ମନ୍ତ୍ରୀ- ଧାନ୍ ଘିନା       I&PR

ରାଏଜେ ଆଏଜ୍‌ଠାନୁ ଧାନ୍ ଘିନା ପ୍ରକ୍ରିୟା ମୁଲ୍ ହେବା । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର -ରାଜ୍ୟ ଆଉ ଜିଲ୍ଲା ଧାନ୍ ମିଲ୍ ସଂଘର୍ ସଦସ୍ୟମାନ୍‌କର୍ ସଙ୍ଗେ ଆଲୋଚନା ଉତ୍‌ରୁ ଇ ନିଷ୍ପତି ନିଆଯାଇଛେ । ବୈଠକ୍‌ଥି ମିଲର୍ସ ସଂଘ ତର୍‌ଫୁ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା । ଦାବି ମାନ୍‌କୁ ବିଚାର୍ କରିକରି ଖୋବ୍ ଜଲ୍‌ଦି ସମାଧାନ୍ କରାଯିବା ବଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ । ରାଜ୍ୟ ଯୋଗାଣ

ନିଗମ୍ ଆଉ କଷ୍ଟମ୍ ମିଲର୍ସଙ୍କର୍ ଭିତ୍ରେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେବାର୍ ଉତ୍ରୁ ଆଏଜ୍ଠାନୁ ଧାନ୍ ଘିନା ପ୍ରକ୍ରିୟା ମୁଲ୍ ହେବା ।

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ        ଆର୍ଏନ୍ୟୁ/ ସମ୍ବଲପୁର

ଭିନ୍ନକ୍ଷମ ମାନେ ଖାଲି ସମର୍ଥନ୍ର ହିତାଧିକାରୀ ନୁହନ୍, ମାତର୍କ, ମାନବ୍ ସମାଜ୍ ଲାଗି ସେମାନ୍କର୍ ବହୁତ୍ଟେ ଅବଦାନ୍ ରହିଛେ ବଲି ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଭୁବ୍ନେଶ୍ୱର୍ ନ ଗଲାକାଏଲ୍ ୩ ଦିନିଆ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସମାରୋହକେ ଉଦ୍ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ଗଣ୍ଡ ଇଟା କହିଛନ୍ । ଇ ଅବ୍ସରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନ୍କର୍ ବୃତି ଆବେଦନ୍ ଲାଗି ଗୁଟେ ଖାସ୍ ପୋର୍ଟାଲ୍ - ବାଣୀଶ୍ରୀ ର ଉନ୍ମୋଚନ୍ କରିଛନ୍ । ଇତାର୍ ସହେତେ ଓଡ଼ିଶା ପ୍ରଶାସନିକ୍ ସେବାଥି ସଫଲ୍ ହେଇଥିବା ୧୩ ଝନ୍ ଦିବ୍ୟାଙ୍ଗଙ୍କୁ ମନ୍ତ୍ରୀ ଶ୍ରୀ ଗଣ୍ଡ ସମ୍ବର୍ଦ୍ଧିତ୍ କରିଛନ୍ ।

ସ୍ୱଦେଶ୍ ଦର୍ଶନ        ଆର୍ଏନ୍ୟୁ/ କଟକ୍

କେନ୍ଦ୍ର ସର୍କାର୍ଙ୍କର୍ ସ୍ୱଦେଶ୍ ଦର୍ଶନ୍ ୨ ନମ୍ବର୍ ଖେପ୍ଥି ପ୍ରସାଦ୍ ଆଉ ଅଲ୍ଗା ଯୋଜ୍ନାଥି ଓଡ଼ିଶାର୍ ପର୍ଯ୍ୟଟନ୍ କ୍ଷେତ୍ରର୍ ବିକାଶ୍ କରାଯାଉଛେ

ବଲି କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱ୍ତ୍ କହିଛନ୍ । ଲୋକ୍ସଭା ନ ଗଲାକାଏଲ୍ ବର୍ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ଙ୍କର୍ ଓଡ଼ିଶା ପର୍ଯ୍ୟଟନ୍ ଭିତିଭୂମି ବିକାଶ୍ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ଥି ଶ୍ରୀ ଶେଖାୱ୍ତ୍ କହିଛନ୍, ୨୦୨୪-୨୫ ଆର୍ଥିକ୍ ବଛର୍ଥି ହୀରାକୁଦ୍ ଆଉ ସାତକୋଶିଆର୍ ବିକାଶ୍ ଲାଗି ମୋଟ୍ ଶହେ ୩୧ କୋଟି ୯୨ ଲାଖ୍ ଟଙ୍କା ଦିଆଯାଇଛେ । ପୁରୀ ଶ୍ରୀଜଗନ୍ନାଥ୍ ମନ୍ଦିର୍ ଆଉ ରାମ୍ଚଣ୍ଡି-ପ୍ରାଚୀ ନଦୀ ଖଁଡ଼ିର୍ ବିକାଶ୍ ଲାଗି ୫୦ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ଶେଖାୱ୍ତ୍ କହିଛନ୍ ।

ଜାତୀୟ ପ୍ରଦୂଷଣ୍ ନିରାକରଣ୍ ଦିବସ୍ଆର୍ଏନ୍ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ଜାତୀୟ ପ୍ରଦୂଷଣ୍ ନିରାକରଣ୍ ଦିବସ୍ । ୧୯୮୪ ମସିହା ଆଝିର୍ ଦିନେ ମଧ୍ୟପ୍ରଦେଶ୍ର ଭୋପାଲ୍ ନ ୟୁନିଅନ୍ କାର୍ବାଇଡ୍ କାର୍ଖାନାନୁ ଗେସ୍ ଲିକ୍ ହେବାର୍ନୁ ହଜାର୍ ହଜାର୍ ଲୁକଙ୍କର୍ ଜୀବନ୍ ଯାଇଥିଲା । ସେ ଦିନ୍କେ ସୋର୍ କରିକରି ମୃତକଙ୍କୁ ଶ୍ରଦ୍ଧାଞ୍ଜଲି ଜନାବାର୍ ଲାଗି ଆଝିର୍ ଦିନ୍କେ ଜାତୀୟ ପ୍ରଦୂଷଣ୍ ନିରାକରଣ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ସେନ୍ତା ପ୍ରଦୂଷଣ୍କେ ରୁକ୍ବାର୍ ଲାଗି ଲୁକଙ୍କର୍ ଭିତ୍ରେ ସଚେତନତା ସୃଷ୍ଟି କର୍ବାର୍ଟା ଆଝିର୍ ଦିବସ୍ର ମୁଖ୍ୟ ଲକ୍ଷ୍ୟ ଆଏ । ଇ ବଛର୍ ଇ ଦିବସ୍ର ବାର୍ତା ହେଉଛେ 'ପ୍ରଦୂଷଣ ସମସ୍ୟାର୍ ସମାଧାନ୍ ଲାଗି ନୂଆଁ ସୃଜନ୍ ଆଉ ଜନଭାଗିଦାରୀ' ।

ପ୍ରକଳ୍ପ କାମ ସମୀକ୍ଷା I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍‌ର ଭିନ୍ ଭିନ୍ ପ୍ରକଳ୍ପ କାମ୍‌ର ଅଗ୍ରଗତି ବାବ୍‌ଦେ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ନୂଆଁ ଅଭିଯୋଗ୍ ପ୍ରକୋଷ୍ଠ ତିଆର୍ ଭୁବ୍‌ନେଶ୍ୱର୍ ନ ସର୍‌କାରୀ କର୍ମଚାରୀମାନ୍‌କର୍ ଆବାସିକ ପ୍ରକଳ୍ପ, ଭୁବ୍‌ନେଶ୍ୱର୍ କେପିଟାଲ୍ ନର୍ସରୀ ବିକାଶ୍ ପ୍ରକଳ୍ପ ବାଗିର୍ ପ୍ରକଳ୍ପ କାମ୍‌ର ସମୀକ୍ଷା କରାଯାଇଥିଲା ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ସମ୍ବଲପୁର ସମ୍ବାଦଦାତା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜ୍‌ନାଥି ଆଏବା ୫ ତାରିଖ୍ ଦିନ ସମ୍ବଲ୍‌ପୁର୍ ସହେତେ ୭ ଟା ଜିଲ୍ଲା ନ ୭ ଶହ ୭୫ ଝନ୍ ବରିଷ୍ଠ ନାଗରିକ୍ ସମ୍ବଲ୍‌ପୁର୍ ରେଲ୍‌ଷ୍ଟେସନ୍‌ନୁ ରାମେଶ୍ୱରମ୍- ମଦୁରାଇ କେ ତୀର୍ଥଯାତ୍ରାଥି ଯିବେ । ନିଜର୍ ନିଜର୍ ଜିଲ୍ଲା ନୁ ସମ୍‌କୁ ସମ୍ବଲ୍‌ପୁର୍ ଅନାଯାଇକରି ଟ୍ରେନ୍ ଜରିଏ ତୀର୍ଥଯାତ୍ରାକେ ନିଆଯିବା । ଇ ବାବ୍‌ଦେ ଗଲାକାଏଲ୍ ସମ୍ବଲ୍‌ପୁର୍

ଜିଲ୍ଲାପାଳ୍ଙ୍କର୍ ସମ୍ମିଲନୀ କକ୍ଷ ନ ହେଇଥିବା ବୈଠକ୍ ଉତ୍ରୁ ଜନାପଡ଼ିଛେ ।

ଜାତୀୟ ସଡ଼କ ସାଇକେଲ୍ ଚାଲନା ପ୍ରତିଯୋଗିତା

ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ନ ଆଏଜ୍ଠାନୁ ୩୦ ନମ୍ବର୍ ଜାତୀୟ ସଡ଼କ ସାଇକେଲ୍ ଚଲାବାର୍ ପ୍ରତିଯୋଗିତା -୨୦୨୫ ମୁଲ୍ ହେଉଛେ । ଡିସେମ୍ବର୍ ୬ ତାରିଖ୍ତକ୍ ହେବାର୍କେ ଥିବା ପ୍ରତିଯୋଗିତାଥି ୨୮ ଟା ରାଜ୍ୟ ଆଉ ସବୁ କେନ୍ଦ୍ରଶାସିତ୍ ଅଂଚଲ୍ନୁ ହଜାରେ ନୁ ଅଏତ୍କା ପ୍ରତିଯୋଗୀ ଭାଗ୍ ନଉଛନ୍ । ବରିଷ୍ଠ, କନିଷ୍ଠ ଆଉ ଉପକନିଷ୍ଠ ବର୍ଗଥି ନକ୍ସାପାଲି ଓଭର୍ବ୍ରିଜ୍ନୁ ସଖାଲର୍ ୯ ବଜେ ବିଧିବଦ୍ଧ ଭାବେ ଇ ପ୍ରତିଯୋଗିତାର୍ ଉଦ୍ଘାଟନ୍ କରାଯିବା । ପ୍ରତିଯୋଗିତାକେ ନେଇକରି ଜିଲ୍ଲା ପ୍ରଶାସନ୍ ତର୍ଫୁ ସବୁପ୍ରକାର୍ ତୟାରି କରାଯାଇଛେ ।

ବେଡମିଂଟନ୍ ଚାମ୍ପିଅନ୍ସିପ୍ I&PR

ଭୁବ୍ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ୩୭ ନମ୍ବର୍ ଜାତୀୟ ସବ୍ଜୁନିୟର୍ ବେଡମିଂଟନ୍ ଚାମ୍ପିଅନ୍ସିପ୍ ଗଲାକାଏଲ୍ ମୁଲ୍ ହେଇଛେ ।

ପ୍ରତିଯୋଗିତାକେ କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉଦ୍‌ଘାଟନ୍ କରିଛନ୍ । ଆଏବା ୬ ତାରିଖ୍‌ତକ୍ ହେବାର୍‌କେ ଥିବା ଖେଲ୍‌ଥି ୧୫ ଆଉ ୧୭ ବଛର୍‌ନୁ କମ୍ ବୟସ ବର୍ଗଥି ସାରା ଦେଶୁ ଖେଲାଲିମାନେ ଭାଗ୍ ନେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୪ ତାରିଖ୍‌ନୁ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ କମିକରି ଶୀତ୍ ଫେର୍ ବଢ଼୍‌ବା । ଇହାଦେ ସାମାଏନ୍ ଶୀତ୍ କମିଛେ । ଆଏଜ୍ ଆଉ ଆଏବା କାଏଲ୍ ବଡ଼ଭାଗୀ ଜାଗା ନ ରାତିର୍ ତାପମାତ୍ରା ୧୨ ନୁ ୧୫ ଡିଗ୍ରୀ ଉପ୍‌ରେ ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।